ଏପିସୋଡ ୨

# ପାଣିପାଗ ଓ ଜଳବାୟୁ

ମୂଳ ରଚନା: କିଶୋର କୁଲକର୍ଣ୍ଣି

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର

ସୁବର୍ଣ୍ଣା ଭୂବିଜ୍ଞାନୀ, ଗୌରୀ ଓ ସୌରଭଙ୍କ ମା।

ଗୌରୀ ନବମ ଶ୍ରେଣୀ ଛାତ୍ରୀ

ସୌରଭ ଏକାଦଶ ଶ୍ରେଣୀ ଛାତ୍ର

ଅନନ୍ତ ଗୌରୀ ଓ ସୌରଭଙ୍କ ବାପା

ଘୋଷକ

ଗୌରୀ: (ଗୁଣୁ ଗୁଣୁ ହୋଇ ଗାଉଥିବା)

ମୌସୁମୀ ମୌସୁମୀ ମୋ ପ୍ରିୟ ମୌସୁମୀ
ତୁମେ ଯେ କେତେ ସୁନ୍ଦର ପ୍ରିୟ ମୌସୁମୀ
କେବେ ତୁମେ ଥଣ୍ଡା ହୁଅ ପୁଣି କେବେ ଗରମ
ଆମେ ତମକୁ ସହିଛୁ ଯାହା ବି ତମେ ହୁଅ
ମୌସୁମୀ ମୌସୁମୀ ମୋ ପ୍ରିୟ ମୌସୁମୀ।

(ଅନନ୍ତଙ୍କ ପ୍ରବେଶ)

ଅନନ୍ତ: (ହସି ହସି) ଆରେ ବାଃ, କେତେ ବଢ଼ିଆ କବିତା। ଆଉ ଥରେ ଗାଇଲୁ।

ଗୌରୀ ନାଇଁ ବାପା, ମୌସୁମୀ ଉପରେ କିଏ ଜଣେ ଏହି କବିତାକୁ ହ୍ୱାଟସ୍‌ଅପ୍‌ରେ ପଠାଇଛି।

(ଅନନ୍ତଙ୍କ ପ୍ରବେଶ)

ଅନନ୍ତଛ (ହସି ହସି) ଆରେ ବାଃ ବଢ଼ିଆ କବିତା ତ। ଆଉ ଥରେ ଗାଇଲୁ।

ଗୌରୀ: ନାଇ ବାପା। ମୁଁ ପାଣିପାଗ ଉପରେ ପଢୁଥିଲି, ଜଣେ ହ୍ୱାଟସ୍‌ଆପ୍‌ରେ ପଠାଇଛି।

ବାପା: ହଉ, ଭଲ ତ ଲାଗୁଛି, ଆଉ ଥରେ ପଢ଼ିଲୁ।

ଗୌରୀ: ହଉ ପଢୁଛି। ମୌସୁମୀ ମୌସୁମୀ ମୋ ପ୍ରିୟ ମୌସୁମୀ

ତୁମେ ଯେ କେତେ ସୁନ୍ଦର ପ୍ରିୟ ମୌସୁମୀ

କେବେ ତୁମେ ଥଣ୍ଡା କେବେ ପୁଣି ଗରମ ହୁଅ

ଆମେ ତମକୁ ସହିଛୁ ଯାହା ବି ତମେ ହୁଅ

ମୌସୁମୀ ମୌସୁମୀ ମୋ ପ୍ରିୟ ମୌସୁମୀ।

ବାପା: କିନ୍ତୁ ଗୌରୀ, ତୁ ଜାଣିଛୁ ପାଣିପାଗ କେତେବେଳେ ଏକା ଭଳି ହୋଇ ନ ଥାଏ। ପାହାଡ଼ ଉପରେ ବର୍ଷା ହେଉଥିଲା ବେଳେ ଆଉ କେଉଁଠି ଖରା ହୁଏ।

ଗୌରୀ: ମୁଁ କିଛି ବୁଝିପାରିଲିନି ବାପା।

ବାପା: ହଉ ତାହେଲେ କହୁଛି ଶୁଣ। ପାଣିପାଗ କେତେବେଳେ ଥଣ୍ଡା ତ କେବେବେଳେ ଗରମ ହୋଇଯାଏ। ଦିନ ଆଉ ସପ୍ତାହ ଯେତେ ଯେତେ ବିତୁଥାଏ ଆକାଶରେ ମେଘ ଛାଏ, ପବନର ଗତି ବଦଳେ। କେତେବେଳେ ବରଫ ଢଙ୍କା ତ ପୁଣି କେତେବେଳେ ବର୍ଷା। ପୁଣି କେତେବେଳେ କୁହୁଡ଼ି ଛାଇଯାଏ।

ଗୌରୀ: ଏବେ ମୁଁ ବୁଝିଗଲି ବାପା।

ବାପା: ଗୌରୀ, ପାଣିପାଗ ଏପରି ଏକ ପ୍ରକ୍ରିୟା ଯାହା ବହୁତ କମ୍ ସମୟ ଭିତରେ ଅଲଗା ଅଲଗା ରୂପ ଦେଖାଇଥାଏ। ଯେକୌଣସି ସ୍ଥାନ, ସମୟ ବା ଅଞ୍ଚଳ କଥା ଦେଖ। କିନ୍ତୁ ତୁ ଏ ବିଷୟରେ କାହିଁକି ପଢ଼ିବାକୁ ଚାହୁଁଛୁ?

ଗୌରୀ: ବାପା, କାଲି ଆମ ଭୂଗୋଳ ଶିକ୍ଷକ ପାଣିପାଗ ଏବଂ ଜଳବାୟୁ ବିଷୟରେ ପଢ଼ାଉଥିଲେ। ଆଉ ଆଜି କିଏ ଜଣେ ଏହି କବିତା ପଠାଇଛନ୍ତି।

ବାପା: ଗୌରୀ ତୁ ଜାଣିଛୁ, ଆମ ଜୀବନରେ ଜଳବାୟୁର ଭୂମିକା କେତେ ଅଧିକ । ଆଜି ଆମର ସବୁ ଚାଲିଚଳଣ ପାଣିପାଗ ବିଜ୍ଞାନୀ ଦେଉଥିବା ସୂଚନା ଅନୁସାରେ ସ୍ଥିର ହେଉଛି।

ଗୌରୀ: ବାପା, ତାହେଲେ ଅଳ୍ପରେ କହିଲେ ପାଣିପାଗକୁ କେମିତି ବୁଝାଇବା।

ବାପା: ଅତି ଅଳ୍ପ ଶବ୍ଦରେ ପାଣିପାଗକୁ ବୁଝାଇ କହିହେବ । ଏଥର ମନଦେଇ ଶୁଣ। ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ କୌଣସି ଏକ ସ୍ଥାନର ବାୟୁମଣ୍ଡଳୀୟ ପରିସ୍ଥିତି ହେଉଛି ପାଣିପାଗ। ଅଧିକରୁ ଅଧିକ ଆସନ୍ତା ଚବିଶ ଘଣ୍ଟା ପାଇଁ ପୂର୍ବାନୁମାନ କରାଯାଇଥାଏ। କୌଣସି ସମୟରେ ଏକ ନିର୍ଦ୍ଦିଷ୍ଟ ଜାଗାର ତାପମାତ୍ରା କେତେ ହେବ , ଆକାଶ ସଫା ରହିବ ନା ବାଦଲ ଢାଙ୍କିହୋଇ ରହିବ, ବର୍ଷା ହେବ ନା ପାଗ ଶୁଖିଲା ରହିବ।

ଗୌରୀ: ବାପା, ଏଥିରୁ ତ ସ୍ପଷ୍ଟ ଜଣାଯାଉଛି ଯେ ତାପମାତ୍ରା, ଆର୍ଦ୍ରତା, ପବନର ଗତି ଏବଂ ଚାପ, ବର୍ଷା, ବାଦଲ, କୁହୁଡ଼ି, ଝଡ଼ ବତାସ, ବାତ୍ୟା, ଆଦି ସବୁ ବାୟୁମଣ୍ଡଳକୁ ପ୍ରଭାବିତ କରେ।

ବାପା: ପୂରା ଠିକ କହିଛୁ। (ହସି ହସି) କାରଣ ଏସବୁ କାରକ ହିଁ ଦିନ କଥା ଛାଡ଼, କେତେ ଘଣ୍ଟାରେ ପରିବର୍ତ୍ତନ ଆଣିଦିଅନ୍ତି। ତୁ ତ ଦେଖିଥିବୁ, କେବେ କେବେ ବର୍ଷା ପରେ ସାଙ୍ଗେ ସାଙ୍ଗେ ଖରା ଆସିଯାଏ। ଠିକ ସେମିତି ଖରା ଜୋର ହେଉଛିବ, ହଠାତ ବର୍ଷା ଆସିଯାଏ।

ଗୌରୀ: ହଁ ବାପା, ମୁଁ ଦେଖିଛି। ଥରେ ନୁହେଁ, କେତେ ଥର। (ହସି ହସି) ତମେ ବି ସେଇଆ କହିଲ....ପାଗ ବଦଳିଯାଏ କେବେ ଥଣ୍ଡା ତ କେବେ ଗରମ ହୁଏ।

ବାପା: ସେଥିପାଇଁ ପାଣିପାଗର ପୂର୍ବାନୁମାନ ଲଗାଇବା ସହଜ ନୁହେଁ।

ଗୌରୀ: ଠିକ କହିଛ ବାପା। କିନ୍ତୁ ଏଥିପାଇଁ କିଏ ଦାୟୀ?

ବାପା: ଭଲ ପ୍ରଶ୍ନ। କାହାକୁ ଦୋଷ ଦେବା ଆଗରୁ ଜାଣିବା ଦରକାର ଏ କାରକ ସବୁ କ'ଣ। ତୁ ଜାଣିବାକୁ ଚାହୁଁଛୁ କି? ଏ ହେଉଛି ସୂର୍ଯ୍ୟ। ସୂର୍ଯ୍ୟ ଶକ୍ତିର ସବୁଠାରୁ ବଡ଼ ସ୍ରୋତ, ଆଉ ଶକ୍ତି ହିଁ ଏହି ପରିବର୍ତ୍ତନ ପଛର କାରକ।

ଗୌରୀ: କିନ୍ତୁ ବାପା, ଏଇ ଶକ୍ତି ଯୋଗୁ ଏସବୁ କେମିତି ସମ୍ଭବ ହେଉଛି?

ବାପା: ଗୌରୀ, ତୁ ଜାଣିଛୁ କି ପୃଥିବୀର ବାୟୁମଣ୍ଡଳ, ପୃଷ୍ଠଭୂମି ଏବଂ ସମୁଦ୍ର ଦ୍ୱାରା ଶକ୍ତିର ଅବଶୋଷଣ କୌଣସି ଜାଗାର ପାଣିପାଗ ସ୍ଥିର କରିବାରେ ବହୁତ ବଡ଼ ଭୂମିକା ନେଇଥାଏ। ଯଦି ଅଧିକ ଶକ୍ତି ଅବଶୋଷିତ ହୋଇଥାଏ ଏବଂ କମ୍ ନିଃସରଣ ହୁଏ ତାହେଲେ ପାଣିପାଗ ଗରମ ହେବ, ଆଉ ଯଦି କମ୍ ଅବଶୋଷିତ ହୋଇ ଅଧିକ ନିଃସରିତ ହୁଏ ତେବେ ଥଣ୍ଡା ହୁଏ। ଏହା ସହିତ ପବନର ଗତି ଏବଂ ଝଡ଼ ପାଣିପାଗକୁ ପ୍ରଭାବିତ କରିଥାଏ।

(ଦୃଶ୍ୟ ପରିବର୍ତ୍ତନ)

ସୌରଭ: (ଗୀତ ଗାଇ ଗାଇ) ଲା ... ଲା... ଯଦି ଆମେ ଆମ ଆଖପାଖର ପରିବେଶ କଥା କହିବା ତେବେ ଏହାକୁ ବର୍ଣ୍ଣନା କରିବା ପାଇଁ ଶବ୍ଦ ନିଅଣ୍ଟ ପଡ଼ିବ । ଯେଉଁଦିନ ଗରମ ହେବ ସେ ଦିନ ଶୁଖିଲା ହେବ ଏବଂ ଯେଉଁଦିନ ଥଣ୍ଡା ହେବ ଦେହ ଥରିଯିବ।

ମା: ସୌରଭ, କ'ଣ କରୁଛୁ? ପଢୁଛୁ ନା ସମୟ କାଟୁଛୁ?

ସୌରଭ: ମା, ଏ ବିଷୟ ତ ମୋ ପାଠ ଭିତରେ ରହିଛି। ହଁ ମୁଁ ଜଳବାୟୁ ବିଷୟରେ କଥା ହେଉଛି।

ମା: ଜଳବାୟୁ? କୋଉ ଜଳବାୟୁ? ଏଥିରେ ଏମିତି କ'ଣ ବିଶେଷତା ରହିଛି?

ସୌରଭ: ମା ତମେ ଜାଣିନ। ଜଳବାୟୁ... ମାନେ କ୍ଲାଇମେଟ୍...କ'ଣ? ହା ହା ହା... ଏହାର ଉଦ୍ଦେଶ୍ୟ ହେଉଛି କୌଣସି ଅଞ୍ଚଳରେ ବର୍ଷ ବର୍ଷ ଧରି ଦେଖାଦେଉଥିବା ପାଣିପାଗ। ଏହା ପାଣିପାଗର ପରିସଂଖ୍ୟାଗତ ତଥ୍ୟ, ଏହା ବେଶ୍ କିଛି ବର୍ଷ ଧରି କୌଣସି ଅଞ୍ଚଳର ବାୟୁମଣ୍ଡଳୀୟ ପରିସ୍ଥିତିର ସୂଚନା ଦେଇଥାଏ।

ମା: ସୌରଭ, ତୁ ବାୟୁମଣ୍ଡଳୀୟ ପରିସ୍ଥିତି ବିଷୟରେ କହୁଛୁ ଯାହା କି ଦୈନିକ ଏବଂ ସାପ୍ତାହିକ ପାଣିପାଗ ପରିବର୍ତ୍ତନକୁ ଦର୍ଶାଇ ନ ଥାଏ। ମାପିବା ପାଇଁ ସାଧାରଣତଃ ୩୦ ବର୍ଷ ସମୟ ନିଆଯାଏ। ଏହା ହେଉଛି ଜଳବାୟୁ।

ସୌରଭ: ଆରେ ବାଃ ମା, ତମେ ତ ସବୁ ଜାଣିଛ। ଉଦାହରଣ ସ୍ୱରୂପ ଯଦି କୌଣସି ଦେଶର

ତାପମାତ୍ରା ସାଧାରଣଠାରୁ ଅଧିକ ଥାଏ, ତାହେଲେ ସେଦିନ ସେଠାରେ ଗରମ ହେଉଛି ବୋଲି କୁହାଯାଇ ପାରିବ। ମା ତମେ ଜାଣିଛ, ଏହାର ଦୁଇଟି ମୁଖ୍ୟ କାରକ ରହିଛି ଯାହା କି କୌଣସି ସ୍ଥାନର ପାଣିପାଗକୁ ପ୍ରଭାବିତ କରିଥାଏ।

ମା: ହଁ, ମୁଁ ଦଶମ ଶ୍ରେଣୀ ପିଲାଙ୍କୁ ପଢ଼ଉଛି। ଯେଉଁ ଦୁଇଟି ମୁଖ୍ୟ କାରକ କଥା କହୁଛୁ ସେ ଦୁଇଟି ହେଲେ ତାପମାତ୍ରା ଆଉ ଅବକ୍ଷେପଣ ବା ବର୍ଷଣ।

ସୌରଭ: ଅବକ୍ଷେପଣ? ମାନେ ପ୍ରେସିପିଟେସନ୍? କେମିତି?

ମା: ଏବେ ମୋ ପାଳି, ମୁଁ କହିବି ହା ହା ହା...। ମୋ ପୁଅ ସୌରଭ ଅବକ୍ଷେପଣ ଶବ୍ଦର ମାନେ ଜାଣିନି...

ସୌରଭ: ମା, ଏ ଶବ୍ଦର ଅଭିଧାନିକ ଅର୍ଥ ମୁଁ ଜାଣିଛି। ଅବକ୍ଷେପଣ ମାନେ ଜିନିଷ ତଳକୁ ପଡ଼ିବା, ବା ରାସାୟନିକ କ୍ରିୟାରେ କୌଣସି ଦ୍ରବଣରେ କଠିନ ପଦାର୍ଥ ତଳେ ଜମିଯିବା। ଯେମିତି କଠିନ ଜଳରେ ଚୂନ ବସିଯାଇ ଗୋଟିଏ ଧଳା ଆସ୍ତରଣ ହୋଇଯିବା। ଖଣିଜ ବସିଯାଏ ବା ଅବକ୍ଷିପ୍ତ ହୋଇଯାଏ। ଅବକ୍ଷେପଣ କହିଲେ ତ ଏଇଆ।

ମା: ସୌରଭ, ଏଇଟା ଗୋଟିଏ ଅର୍ଥ। କିନ୍ତୁ ସାଧାରଣ ଅର୍ଥରେ ଜଳର ଯେକୌଣସି ରୂପରେ ପୃଥିବୀ ପୃଷ୍ଠରେ ପଡ଼ିବା, ତାହା ବର୍ଷା, ତୁଷାର, କୁଆପଥର, କରକାବୃଷ୍ଟି କିମ୍ବା କୁହୁଡ଼ି ହୋଇପାରେ। ଏ ଦୁଇଟି କାରକ ଛଡ଼ା ଅବକ୍ଷେପଣକୁ ପ୍ରଭାବିତ କରୁଥିବା ଅନ୍ୟ କାରକଗୁଡ଼ିକ ହେଲା ପବନର ଗତ, ସୂର୍ଯ୍ୟ ଆଲୁଅ, ଅବକ୍ଷେପଣର ସମୟ, ଆଦ୍ରତା ଆଦି।

ସୌରଭ: ତା ମାନେ ମା ଜଳବାୟୁ ହେଉଛି କୌଣସି ସ୍ଥାନର ସାଧାରଣ ପାଣିପାଗ, ତାମାନେ ଲମ୍ବା ସମୟ ଧରି ପାଣିପାଗ ସମ୍ବନ୍ଧୀୟ ତଥ୍ୟର ସମଷ୍ଟି।

ମା: ହଁ। ଅନ୍ୟ ଶବ୍ଦରେ କହିଲେ ଜଳବାୟୁ ହେଉଛି ଲମ୍ବା ସମୟ ଧରି ପାଣିପାଗ। ତାହେଲେ ସୌରଭ ଏବେ କହ ମୁଁ ଜଳବାୟୁ ଜାଣିଛି କି ନାହିଁ।

ସୌରଭ: ସରି ମା। ଭୁଲ ହୋଇଗଲା। ତମକୁ ବୁଝିପାରିନି। କେବଳ ମୁଁ ନୁହେଁ, ମୋ ଭଳି ଅନେକ ଯୁବକ ଏ ଭୁଲ କରନ୍ତି।

(ଦୃଶ୍ୟ ପରିବର୍ତ୍ତନ) (ବାପା, ମା, ଗୌରୀ ଓ ସୌରଭ ବସି କଥା ହେଉଛନ୍ତି)

ସୌରଭ: ପକ୍ଷୀମାନେ ସ୍ଥଳଭାଗ ଆଡ଼କୁ ଉଡ଼ିଲେ ଝଡ଼ ଆସୁଥିବାର ସୂଚନା ମିଳେ – ମା ଏ କଥା ସତ ନା କାଳ୍ପନିକ ଚିନ୍ତା।

ମା: ଏଇଟା କାଳ୍ପନିକ ଚିନ୍ତା ନୁହେଁ, କିଛି ପରିମାଣରେ ସତ। ପକ୍ଷୀମାନେ ପାଣିପାଗର କିଛି ଅବସ୍ଥା ଜାଣିପାରି ସୂଚନା ଦିଅନ୍ତି। ଆମ ପୂର୍ବପୁରୁଷ ନିରୀକ୍ଷଣ କରି ଏଭଳି କଥା କହିଛନ୍ତି।

ଗୌରୀ: ଯେମିତି, ଯଦି ପିଆଜ ଚୋପା ପତଳା ହୁଏ ତେବେ ସେବର୍ଷ ଶୀତ କମ୍ ହେବ। ଯଦି ପିଆଜ ଚୋପା ମୋଟା ହୁଏ ତେବେ ଭୀଷଣ ଶୀତ ହେବ। ବାପା, ଏଥିରେ ପିଆଜ ଆଉ ଶୀତର ସମ୍ପର୍କ କ'ଣ?

ବାପା: ଏହା ତ ଶୀତର ପ୍ରକାର ଦର୍ଶାଉଛି – ଅଳ୍ପ ଶୀତ କି ପ୍ରବଳ ଶୀତ। ଆମ ପୂର୍ବପୁରୁଷଙ୍କ ଅନୁଭୂତି ଏବଂ ନିରୀକ୍ଷଣ ପିଆଜ ଚୋପା ସହ ଶୀତର ସମ୍ପର୍କ ଖୋଜିଛି। ସେମାନେ ହୁଏତ ଜୋର ଶୀତ ଋତୁରେ ମୋଟା ଚୋପା ଏବଂ ଅଳ୍ପ ଶୀତ ଦିନରେ ପତଳା ଚୋପା ହେଉଥିବାର ଲକ୍ଷ୍ୟ କରିଥିବେ।

ସୌରଭ: ସତ କଥା? ନା ମଜାରେ ଏମିତି କୁହାଯାଉଛି?

ବାପା: ନା ସୌରଭ। ଏସବୁ ଅନୁଭବ ଆଧାରିତ ବାସ୍ତବତା। ଅବଶ୍ୟ ଆଜିକାଲି ଅନେକ କାରଣରୁ ପରିବର୍ତ୍ତନ ଆସୁଛି। ସେଥିପାଇଁ ବେଳେ ବେଳେ ଏଭଳି ଉକ୍ତି ଭୁଲ ହୋଇଯାଉଛି।

ମା: ପିଲାମାନେ, ମୁଁ ଦେଖୁଛି ଗତ ଦୁଇଦିନ ଧରି ତମେମାନେ ପରିବେଶ ଆଉ ପାଣିପାଗ ଉପରେ ବହୁତ ପଢ଼ାପଢ଼ି କରୁଛ। ଚାଲ ଆଉ ଥରେ ମୂଳରୁ ମନେପକାଇବା। ଗୌରୀ ତୁ ପାଣିପାଗ ବିଷୟରେ ଆଉ ସୌରଭ ତୁ ପରିବେଶ ବିଷୟରେ କହିବୁ। ପ୍ରଥମେ ଗୌରୀ ପାଳି...

ବାପା: ଠିକ କହିଲେ ଗୋଟେ ନମ୍ବର ପାଇବ। ଚାଲ ଆରମ୍ଭ କର।

(ସଙ୍ଗୀତ)

ଗୌରୀ: କୌଣସି ଅଞ୍ଚଳରେ ଦେଖାଯାଉଥିବା ବାୟୁମଣ୍ଡଳର ସାଧାରଣ ଅବସ୍ଥା ସବୁ ପାଣିପାଗର ଅନ୍ତର୍ଗତ। ଯେପରିକି ତାପମାତ୍ରା, ଆର୍ଦ୍ରତା, ପବନର ଗତି, ଖରା, ବର୍ଷା, ବରଫ, କୁଆପଥର, ଝଡ଼, ତୋଫାନ, ବନ୍ୟା, ଗରମ, ଲୁ, ଶୀତ ଲହରୀ, ଆଦି।

ସୌରଭ: କୌଣସି ଅଞ୍ଚଳର ତିରିଶ ବର୍ଷର ହାରାହାରି ପାଣିପାଗ ସେ ଅଞ୍ଚଳର ଜଳବାୟୁ ଦର୍ଶାଇଥାଏ। ଏଥିର ମୁଖ୍ୟ କାରକଗୁଡ଼ିକ ହେଉଛି ତାପମାତ୍ରା , ବର୍ଷା, ତୁଷାରପାତ, ଆର୍ଦ୍ରତା, ଖରା, ପବନର ଗତି, କୁହୁଡ଼ି, କାକର ଏବଂ କୁଆପଥର ବୃଷ୍ଟି।

ଗୌରୀ: କୌଣସି ଭୌଗଳିକ କୌଣସି ସମୟର ବାୟୁମଣ୍ଡଳୀୟ ପରିସ୍ଥିତି ହେଉଛି ପାଣିପାଗ।

ସୌରଭ: ଜଳବାୟୁ ହେଉଛି କୌଣସି ଅଞ୍ଚଳର ହାରାରୀ ପାଣିପାଗ।

ଗୌରୀ: ପାଣିପାଗ କୌଣସି ଅଞ୍ଚଳର ସ୍ୱଳ୍ପ ସମୟର ବାୟୁମଣ୍ଡଳୀୟ ସ୍ଥିତି।

ସୌରଭ: ବାୟୁମଣ୍ଡଳର ଦୀର୍ଘ ଦିନର ଅବସ୍ଥିତି ହେଉଛି ଜଳବାୟୁ।

ଗୌରୀ: କୌଣସି ସ୍ଥାନର ପାଣିପାଗ ଅଳ୍ପ ସମୟ ଭିତରେ ବଦଳି ଯାଇପାରେ। ଅନେକ ସମୟରେ ଏହା ବଦଳିଥାଏ।

ସୌରଭ: କୌଣସି ସ୍ଥାନର ଜଳବାୟୁ ବଦଳିବା ପାଇଁ ଅନେକ ବର୍ଷ ଲାଗିଥାଏ। ବାରମ୍ବାର ଏହା ବଦଳି ନ ଥାଏ।

ଗୌରୀ: ତାପମାତ୍ରା, ଆର୍ଦ୍ରତା, ବାୟୁଚାପ, ବାଦଲ, ବର୍ଷା ଯୋଗୁ ପାଣିପାଗ ବଦଳିଥାଏ।

ସୌରଭ: ତାପମାତ୍ରା ଏବଂ ଅବକ୍ଷେପଣ ଦୁଇଟି ମୁଖ୍ୟ କାରକ ଯାହା କି ଜଳବାୟୁ ଉପରେ ପ୍ରଭାବ ପକାଇଥାଏ।

ଗୌରୀ: ପାଣିପାଗ ବିଭାଗ ଦ୍ୱାରା ଛୋଟିଆ ସ୍ଥାନ ଏବଂ ଅଳ୍ପ ସମୟ ପାଇଁ ପାଣିପାଗ ନିର୍ଦ୍ଧାରଣ କରାଯାଏ। ଯେମିତିକି ଗୋଟିଏ ଦିନ, ସପ୍ତାହ ବା ମାସ।

ସୌରଭ: ଜଳବାୟୁ ଦୀର୍ଘ ବର୍ଷ ୨୫ରୁ ୩୦ ବର୍ଷ ଧରି ଆକଳନ କରାଯାଏ।

ଗୌରୀ: ପାଣିପାଗ ଉପରେ ଅଧ୍ୟୟନ କରିବାକୁ ପାଣିପାଗ ବିଜ୍ଞାନ କୁହାଯାଏ। ଏହି

ବିଭାଗରେ ଅନେକ ବିଷୟର ସମାବେଶ ହୋଇଥାଏ, ଏହା ପାଣିପାଗର ପୂର୍ବାନୁମାନ ଏବଂ ଏହାର ବିଶ୍ଳେଷଣ ଉପରେ ଗବେଷଣା କରେ।

ସୌରଭ: ଜଳବାୟୁ ଉପରେ ଅଧ୍ୟୟନ କରିବାକୁ ଜଳବାୟୁ ପରିବର୍ତ୍ତନ କୁହାଯାଏ। ଏଥିରେ ଗୋଟିଏ ନିର୍ଦ୍ଦିଷ୍ଟ ସମୟର ବାୟୁମଣ୍ଡଳୀୟ ପରିସ୍ଥିତିର ଅଧ୍ୟୟନ ଏବଂ ପୂର୍ବାନୁମାନ କରାଯାଏ।

ବାପା: ବହୁତ ବଢ଼ିଆ, ଦୁହେଁ ବହୁତ ବଢ଼ିଆ କାମ କଲ। ପାଣିପାଗ ଏବଂ ଜଳବାୟୁ ଭିତରେ ଥିବା ତଫାତକୁ ସାଧାରଣତଃ କୁହାଯାଏ ଯେ ଜଳବାୟୁ ଯାହା ତମେ ଆଶା କର, ପାଣିପାଗ ଯାହା ତମେ ପାଇଥାଅ।

ଗୌରୀ: ଛୋଟିଆ କଥାଟିଏ, କିନ୍ତୁ ବଢ଼ିଆ କଥା।

ଦୃଶ୍ୟ ପରିବର୍ତ୍ତନ

ମା: ଗୌରୀ ଆଉ ସୌରଭ, ତମେ ଜାଣିଛ କି ଗୋଟିଏ ଆନ୍ତଃସରକାରୀ ଦଳ ବା ଆଇପିସିସି ସାରା ପୃଥିବୀର ଜଳବାୟୁ ଉପରେ ଅଧ୍ୟୟନ କରିବା ପାଇଁ ଗଠନ କରାଯାଇଛି। ଏହି ସଂସ୍ଥା ଜଳବାୟୁର ପରିଭାଷା କହିଛନ୍ତି ଯେ, ଜଳବାୟୁ କୌଣସି ସ୍ଥାନର ହାରାହାରି ପାଣିପାଗ, ଯାହା କି କିଛି ମାସରୁ ଆରମ୍ଭ କରି କେତେ ହଜାର ବର୍ଷ ହୋଇପାରେ । ଅନ୍ତଃରାଷ୍ଟ୍ରୀୟ ପାଣିପାଗ ସଂସ୍ଥା ବା ଡବ୍ଲୁଏମ୍ଓ ୩୦ ବର୍ଷ ସମୟସୀମାକୁ ଏକକ ଭାବରେ ଧରିଛନ୍ତି।

ବାପା: ବହୁତ କାରକ ଏସବୁକୁ ପ୍ରଭାବିତ କରିଥାଏ। ଯେପରିକି ବିଷୁବରେଖାଠାରୁ ଦୂରତା, ଉଚ୍ଚତା, ଜଳ ଏବଂ ଭୂମିର ଅନୁପାତ, ସମୁଦ୍ର ଏବଂ ପର୍ବତଶ୍ରେଣୀଠାରୁ ଦୂରତା ଆଦି। ଏସବୁ କାରକ ବଦଳୁଥାଏ।

ମା: ହଁ ତମ ବାପା ଠିକ କହିଛନ୍ତି। ଏହାକୁ ନଜରରେ ରଖି ବୈଜ୍ଞାନିକମାନେ ବିଶ୍ୱର ଭୌଗଳିକ ସ୍ଥିତିକୁ ଜଳବାୟୁ ହିସାବରେ ଭାଗ କରିଛନ୍ତି। ଏହା ପାଞ୍ଚ ପ୍ରକାରର। ଯେପରି ଗ୍ରୀଷ୍ମମଣ୍ଡଳୀୟ, ଶୁଷ୍କ, ମଧ୍ୟବିଷୁବୀୟ, ମଧ୍ୟମ ଉଚ୍ଚତାବିଶିଷ୍ଟ, ସ୍ୱଳ୍ପ ଥଣ୍ଡାବାଲା ଅଞ୍ଚଳ ଏବଂ ବରଫଢଙ୍କା ଅଞ୍ଚଳ।

ସୌରଭ: କିନ୍ତୁ ମା, ମୁଁ ପଢ଼ିଥିଲି ଯେ ଏସବୁ ଅଞ୍ଚଳର ପ୍ରକାର ଟିକେ ଅଲଗା । ଯେଉଁଭଳି ବୃଷ୍ଟି ଜଙ୍ଗଲ, ଗ୍ରୀଷ୍ମମଣ୍ଡଳୀୟ ଜଙ୍ଗଲ, ତୃଣଭୂମି ଏବଂ ଆହୁରି ଅନେକ। ଏସବୁ ତ ତମ ତାଲିକାରେ ନାହିଁ।

ବାପା: ସୌରଭ ଠିକ ପ୍ରଶ୍ନ ପଚାରିଛୁ । ତୁ ଯାହା ପଢ଼ିଛୁ ତା ବି ଠିକ। ମା କହିଲେ ଯେ ପାଞ୍ଚଟି ମୁଖ୍ୟ ଜଳବାୟୁ ଅଞ୍ଚଳ। ତୁ ଯେଉଁ ନାଁ କହୁଛୁ ସେସବୁ ବି ଜଳବାୟୁ ପ୍ରକାରରେ ରହିଛି। କିନ୍ତୁ ସେସବୁ ହେଉଛି ଦ୍ୱିତୀୟ ତାଲିକା।

ମା: ପ୍ରକୃତରେ ମୁଁ ଏହି ଦ୍ୱିତୀୟ ତାଲିକା ବିଷୟରେ କହିବାକୁ ଯାଉଥିଲି । କିନ୍ତୁ ତୁ ମଝିରୁ ଅଟକାଇ ଦେଲୁ। ଯାହାହେଉ ତୁ କେବଳ ବହି ପଢୁନୁ, ତାକୁ ମନେ ବି ରଖୁଛୁ, ବହୁତ ଭଲକଥା।

ଗୌରୀ: ମା, ତାହେଲେ ଆମକୁ ଏହି ଦ୍ୱିତୀୟ ସ୍ତରର ଜଳବାୟୁ ଅଞ୍ଚଳ ବିଷୟରେ ପୂରା ତାଲିକା କୁହ। ତା ସହିତ ଉଦାହରଣ ବି ଦେବ, ତାହେଲେ ସହଜରେ ବୁଝିହେବ।

ମା: ହଉ ପିଲାମାନେ। ଦ୍ୱିତୀୟ ସ୍ତରର ଜଳବାୟୁ ଅଞ୍ଚଳ ହେଉଛି ବୃଷ୍ଟି ଜଙ୍ଗଲ, ଆର୍ଦ୍ର ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳ, ଆର୍ଦ୍ର ମହାଦେଶୀୟ, ସାମୁଦ୍ରିକ, ମରୁଭୂମୀୟ, ଭୂମଧ୍ୟସାଗରୀୟ, ତୁନ୍ଦ୍ରା ଏବଂ ମେରୁ ଅଞ୍ଚଳର ବରଫାବୃତ୍ତ ଅଞ୍ଚଳ ଆଦି।

ବାପା: ପିଲାମାନେ, ମୋ ପାଖରେ ବାରଟି ଜଳବାୟୁ ଅଞ୍ଚଳ ବିଷୟରେ ରେକର୍ଡିଂ ରହିଛି। ଶୁଣିବାକୁ ଚାହିଁବ?

ସୌରଭ/ଗୌରୀ:ହଁ ବାପା।

(ସଙ୍ଗୀତ)

ଘୋଷକ: ମୌସୁମୀରୁ ଆରମ୍ଭ କରିବା । ମୌସୁମୀ ହେଉଛି ଋତୁ ଉପରେ ନିର୍ଭରଶୀଳ କରୁଥିବା ବାୟୁ ଯାହାକି କେତେ ମାସ ଧରି ରହେ ଏବଂ ବର୍ଷାଦିନର ଆରମ୍ଭ କରେ। ଅଷ୍ଟ୍ରେଲିଆ, ପୂର୍ବ ଏସିଆ, ଉପସାହାରା ଆଫ୍ରିକା, ଉତ୍ତର ଆମେରିକା, ଏବଂ ଦକ୍ଷିଣ ଆମେରିକା ହେଉଛି ମୌସୁମୀର ଅଞ୍ଚଳ।

(ସଙ୍ଗୀତ)

ବୃଷ୍ଟି ଜଙ୍ଗଲର ପରିଭାଷା ହେଉଛି ଯେଉଁଠି ପ୍ରବଳ ବର୍ଷା ହୁଏ, ବାର୍ଷିକ ସର୍ବନିମ୍ନ ୧୭୫୦ ଏବଂ ସର୍ବାଧିକ ୨୦୦୦ ମିଲିମିଟର ବର୍ଷା ଏଠାରେ ହୋଇଥାଏ। ଏ ଅଞ୍ଚଳରେ ହାରାହାରି ମାସିକ ତାପମାତ୍ରା ବର୍ଷସାମା ୧୮ ଡିଗ୍ରିରୁ ଅଧିକ ହୁଏ।

(ସଙ୍ଗୀତ)

ବିଷୁବ ମଣ୍ଡଳୀୟ ସାଭାନା ହେଉଛି ଗୋଟିଏ ତୃଣଭୂମି ଯାହା ଅର୍ଦ୍ଧଶୁଷ୍କ ବା ଅର୍ଦ୍ଧଆର୍ଦ୍ର ଜଳବାୟୁରେ ଦେଖାଯାଏ। ବର୍ଷସାରା ଏଠାରେ ତାପମାତ୍ରା ପ୍ରାୟ ୧୮ ଡିଗ୍ରୀ ବା ତା ଠାରୁ ଅଧିକ ରହେ। ବୃଷ୍ଟିପାତ ହାରାହାରି ୭୫୦ରୁ ୧୨୭୦ ମିଲିମିଟର ଭିତରେ ହୁଏ। ଆଫ୍ରିକା, ଭାରତ, ମାଲେସିଆ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆମେରିକାର ଉତ୍ତର ଭାଗରେ ଏହି ଜଳବାୟୁ ଦେଖାଯାଏ।

(ସଙ୍ଗୀତ)

ଆର୍ଦ୍ର ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁ ମହାଦେଶର ପୂର୍ବପଟରେ ରହିଥାଏ , ମୁଖ୍ୟତଃ ବିଷୁବ ରେଖାଠାରୁ ୨୦ରୁ ୪୦ ଡିଗ୍ରି ଦ୍ରାଘିମା ମଧ୍ୟବର୍ତ୍ତୀ ଅଞ୍ଚଳ, ଏଠାରେ ଶୀତଦିନେ ବର୍ଷା ହେବା ସହିତ ବଡ଼ ଧରଣର ଝଡ଼ ସହିତ ତୁଷାରପାତ ହୋଇଥାଏ। ଖରାଦିନେ ଘଡ଼ଘଡ଼ି ସହ ବର୍ଷା ହେବା ସହିତ ବିଷୁବ ମଣ୍ଡଳୀୟ ବାତ୍ୟା ହୁଏ।

(ସଙ୍ଗୀତ)

ଆର୍ଦ୍ର ମହାଦେଶୀୟ ଜଳବାୟୁ କହିଲେ ବୁଝାଯାଏ , ବିଭିନ୍ନ ପ୍ରକାରର ପାଣିପାଗ ଏବଂ ଋତୁ ଭିତରେ ତାପମାତ୍ରା ବହୁତ କମ୍ ବେଶୀ ହେବା । ଏଠାରେ ବର୍ଷକ ଭିତରେ ତିନିମାସ ତାପମାତ୍ରା ୧୦ ଡିଗ୍ରି ରହେ। ଶୀତଦିନେ ତାପମାତ୍ରା -୩ ଡିଗ୍ରି ଯାଏଁ କମିଯାଏ। ଶୁଷ୍କ ଅଞ୍ଚଳରୁ ଏଠିକା ପରିସ୍ଥିତି ବହୁତ ଅଲଗା ହୋଇଥାଏ।

(ସଙ୍ଗୀତ)

ମହାସାଗରୀୟ ଜଳବାୟୁ ମହାଦେଶର ପଶ୍ଚିମ ପଟରେ ଦେଖାଯାଏ। ଦକ୍ଷିଣ-ପୂର୍ବ ଅଷ୍ଟ୍ରେଲିଆ ଏହି ଅଞ୍ଚଳର ଅନ୍ତର୍ଗତ। ଏହି ଅଞ୍ଚଳରେ ବର୍ଷସାରା ବର୍ଷା ହୁଏ।

(ସଙ୍ଗୀତ)

ଭୂମଧ୍ୟ ସାଗରୀୟ ଜଳବାୟୁ ଉଷ୍ମ ଏବଂ ଶୁଷ୍କ ହୋଇଥାଏ। ତା ସହିତ ଥଣ୍ଡା ଆଉ ଆର୍ଦ୍ର ବି ହୁଏ। ଏହି ଜଳବାୟୁ ପଶ୍ଚିମ-ଦକ୍ଷିଣ ଅଷ୍ଟ୍ରେଲିଆ, ଉତ୍ତର ଆମେରିକାର ପଶ୍ଚିମାଞ୍ଚଳ, ଦକ୍ଷିଣ ଆଫ୍ରିକା, ମଧ୍ୟ ଚିଲ୍ଲୀ ଏବଂ ଭୂମଧ୍ୟ ସାଗର ଅଞ୍ଚଳରେ ଦେଖାଯାଏ।

(ସଙ୍ଗୀତ)

ଶୁଷ୍କ ତୃଣଭୂମିରେ ଖରାଦିନେ ହାରାହାରି ବାର୍ଷିକ ତାପତ୍ରା ୪୦ ଡିଗ୍ରି ଏବଂ ଶୀତଦିନେ -୪୦ ଡିଗ୍ରି ତାପମାତ୍ରା ହୋଇଯାଏ। ଏହାକୁ ସାଭାନା ବା ଷ୍ଟେପ୍ ଅଞ୍ଚଳ କୁହାଯାଏ।

(ସଙ୍ଗୀତ)

ତୁନ୍ଦ୍ରା ଅଞ୍ଚଳ ଉତ୍ତର ମେରୁ ଦିଗରେ ଉତ୍ତର ଋଷିଆ ଏବଂ କାନାଡ଼ାର ଅନେକ ଅଞ୍ଚଳକୁ କୁହାଯାଏ।

(ସଙ୍ଗୀତ)

ମରୁଭୂମିରେ ବହୁତ କମ୍ ବର୍ଷା ହୁଏ। ଏଠାରେ ଦିନ ଆଉ ରାତିର ତାପମାତ୍ରା ଭିତରେ ବହୁତ ତଫାତ ଜଣାପଡ଼େ। ତାପମାତ୍ରାର ଏହି ତଫାତ ମରୁଭୂମିର ଅବସ୍ଥିତି ଉପରେ ବି ନିର୍ଭର କରେ। ଖରାଦିନେ ତାପମାତ୍ରା ୪୫ରୁ ୧୧୩ ଡିଗ୍ରି ସେଲସିଅସ ହୋଇଯାଏ। ପୁଣି ଶୀତଦିନେ ୦ ଡିଗ୍ରି ଯାଏଁ ବି ପହଞ୍ଚିଯାଏ। ଉଚ୍ଚ ପର୍ବତ ବର୍ଷାର ଗତିକୁ ଅଟକାଇ ଦେଉଥିବାରୁ ମରୁଭୂମିରେ ବର୍ଷା କମ୍ ହୁଏ।

(ସଙ୍ଗୀତ)

ଉପମେରୁ ଅଞ୍ଚଳ ବା ସବ୍‌ଟ୍ରପିକାଲ ଅଞ୍ଚଳରେ ବର୍ଷା ବହୁତ କମ୍ ହୁଏ । ଏଠାରେ ବର୍ଷର ଏକମାସରୁ ଛଅମାସ ଯାଏଁ ତାପମାତ୍ରା ୧୦ ଡିଗ୍ରି ହୁଏ। ଆଉ ଶୀତଦିନେ ହିମାଙ୍କଠାରୁ ବହୁତ କମିଯାଏ।

(ସଙ୍ଗୀତ)

ମେରୁ ଅଞ୍ଚଳ ସବୁବେଳେ ବରଫରେ ଢାଙ୍କି ହୋଇ ରହିଥାଏ। ଯେକୌଣସି ଗ୍ରହ ବା ଉପଗ୍ରହର ଉପରି ଅଞ୍ଚଳ ଏହିପରି ବରଫଢଙ୍କା ହୋଇଥାଏ। ଏଠାରେ ବରଫ ଜମି ରହିବାର କାରଣ ହେଉଛି ଏଠାରେ ବିଷୁବ ମଣ୍ଡଳ ଅଞ୍ଚଳ ତୁଳନାରେ ସୂର୍ଯ୍ୟ ଆଲୁଅ କମ୍ ପଡ଼େ , ଫଳରେ

ତାପମାତ୍ରା ବହୁତ କମ୍ ରହେ। ମେରୁ ଅଞ୍ଚଳର ବରଫ ଆସ୍ତରଣକୁ ମେରୁ ଅଞ୍ଚଳୀୟ ବରଫଚାଦର ବି କୁହାଯାଏ।

ଏହି ହେଲା ୧୨ଟି ଦ୍ୱିତୀୟ ସ୍ତରର ଜଳବାୟୁ ଅଞ୍ଚଳ।

(ସଙ୍ଗୀତ)

ଗୌରୀ: ବାପା, କେତେ ପ୍ରକାର ଜଳବାୟୁ ରହିଛି ସେ ବିଷୟରେ ତ ଆମେ ଜାଣିଲୁ । କିନ୍ତୁ ଏସବୁ ଜଳବାୟୁ ପୃଥିବୀର କେଉଁ ଅଞ୍ଚଳରେ ଦେଖାଯାଏ ସେ ବିଷୟରେ ତ କିଛି କହିଲନାହିଁ।

ବାପା: ମୌସୁମୀ ଆଉ ସାଭାନା ଜଳବାୟୁ ଦୁଇଟି ଅଞ୍ଚଳରେ ଏ ବିଷୟରେ କୁହାଯାଇଛି। ଅନ୍ୟ ସ୍ଥାନରେ ଏ ବିଭାଜନ ଏତେ ସ୍ୱଷ୍ଟ ନୁହେଁ। କାରଣ ତମେ ନିଜେ ଏସବୁ ବିଷୟରେ ଶିଖ ଆଉ ଜାଣ। ଆଉ ତୁମ ପାଖରେ ଅଛନ୍ତି (ହସି ହସି) ତୁମ ମା। ତମେ କ'ଣ ଭାବୁଛ, ପିଲାମାନେ ଏ ବିଷୟରେ ନିଜେ ଜାଣିବା ଉଚିତ କି ନା?

ମା: ମୁଁ ବି ଏଇଆ ଭାବୁଛି। ସେମାନଙ୍କ ପାଇଁ ଏସବୁ ହୋମ୍ୱର୍କ।

ସୌରଭ/ଗୌରୀ: ହଉ ମା, ଆମେ ନିଶ୍ଚୟ କରିବୁ।